କାମେଶ୍ୱର ପ୍ରସାଦ

ବନାମ

ବିହାର ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 11, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ବସନ୍ତ ରୋଗ ନିରାକରଣ ଯୋଜନା -ଟିକାଦାନକାରୀ ନିଯୁକ୍ତି -ଯୋଜନାର ବିଚ୍ଛିନ୍ନକରଣ -ବଳକା କର୍ମଚାରୀଙ୍କୁ ସାମିଲ କରିବା ଲାଗି ପ୍ରସ୍ତାବ- କାର୍ଯ୍ୟାନ୍ୱୟନ- ନିର୍ଦ୍ଦେଶାବଳୀ- ଜାରି ହେଲା ।*

**ଅପିଲକାରୀଙ୍କୁ ବସନ୍ତ ରୋଗ ନିରାକରଣ ଯୋଜନାରେ ଟୀକାକରଣକାରୀ ଭାବରେ ନିଯୁକ୍ତ କରାଯାଇଥିଲା ଯାହା ପରବର୍ତ୍ତୀ ସମୟରେ ଭାଙ୍ଗି ଯାଇଥିଲା । ଫେବୃଆରୀ 11, 1985 ତାରିଖର ସଂକଳ୍ପ ସଂଖ୍ୟା 2215 ଅନୁଯାୟୀ ସମତୁଲ୍ୟ ପଦବୀରେ ଅନ୍ତର୍ଭୁକ୍ତି ଅପେକ୍ଷାରେ ରହି ସେ ଉଚ୍ଚ ନ୍ୟାୟାଳୟରୁ ଏକ ଆଦେଶ ପ୍ରାପ୍ତ କରିଥିଲେ, ଯେଉଁଥିରେ ଚିକିତ୍ସା ଅଧିକାରୀଙ୍କୁ ତାଙ୍କ ମାମଲା ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଏହା ଅତିରିକ୍ତ, ତାଙ୍କ ଦ୍ୱାରା କରାଯାଇଥିବା ଏକ ନିବେଦନ ପତ୍ର ଉପରେ, ଜିଲ୍ଲା ଚିକିତ୍ସା ଅଧିକାରୀ ତାଙ୍କୁ ମୁଖ୍ୟ ନିର୍ଦ୍ଦେଶକଙ୍କ ନିଶ୍ଚିତ ହେବା ଉପରେ ନିର୍ଭର କରି କିରାଣୀ ଭାବେ ପଦୋନ୍ନତି ଦେଇଥିଲେ । ତେବେ, ମୁଖ୍ୟ ନିର୍ଦ୍ଦେଶକ ଅପିଲକାରୀଙ୍କ ନିଯୁକ୍ତିକୁ ବାତିଲ କରିଥିଲେ କାରଣ ତାଙ୍କୁ ପ୍ରସ୍ତାବ ଅନୁଯାୟୀ କିରାଣୀ ଭାବରେ ସଠିକ୍ ଭାବରେ ନିଯୁକ୍ତି ଦିଆଯାଇ ନଥିଲା । ଉକ୍ତ ଆଦେଶକୁ ଉଚ୍ଚ ନ୍ୟାୟାଳୟରେ ବିଫଳ ଭାବେ ଆପତ୍ତି କରାଯାଇଥିଲା । ସେଥିପାଇଁ ଏହି ଅପିଲ ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : ଆବେଦନକାରୀଙ୍କୁ ପ୍ରକୃତରେ ଏକ ସମତୁଲ୍ୟ ପଦବୀରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ଥିଲା କାରଣ ସେ ଜଣେ ବଳକା ଟୀକାକରଣକାରୀ ବୋଲି ଜଣା ପଡ଼ିଥିଲା । ତେବେ, ସଂକଳ୍ପରେ ନିର୍ଦ୍ଧାରିତ ନୀତିଗୁଡ଼ିକୁ ପାଳନ କରାଯାଇ ନଥିଲା । ତେଣୁ, ବଳକା କର୍ମଚାରୀଙ୍କ ଯୋଗ୍ୟତାରେ କ୍ରମ ଆଧାରରେ ତାଙ୍କ ପାଳି ଆସିବା ମାତ୍ରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ପ୍ରସ୍ତାବ ଅନୁଯାୟୀ ତାଙ୍କର ଅନ୍ତର୍ଭୁକ୍ତି ଏବଂ ଅନ୍ୟ ପ୍ରାର୍ଥୀଙ୍କ ସହିତ ସମାନ ଅଧିକାର ଉପରେ, କିରାଣୀ ଭାବରେ ପଦୋନ୍ନତି ପାଇଁ ତାଙ୍କର ମାମଲାକୁ ବିଚାର କରିବାକୁ ପଡିବ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : 1995 ର ଦେୱାନୀ ଅପିଲ ସଂଖ୍ୟା 8385-86 ।

C.W.J.C. ନଂ. 13022/92 ଏବଂ M.C.R. ନଂ. 42/1993ରେ ପାଟନା ଉଚ୍ଚ ନ୍ୟାୟାଳୟର 4.1.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଇଜାଜ୍ ମକବୁଲ୍ ।

ଉତ୍ତରଦାତାମାନଙ୍କ ପାଇଁ ବି.ବି. ସିଂହ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଓକିଲଙ୍କୁ ଶୁଣିଛୁ ।

ସ୍ୱୀକାରଯୋଗ୍ୟ ଭାବରେ, ଅପିଲକାରୀଙ୍କୁ ମେ 6, 1975 ରେ ଏକ ବସନ୍ତ ରୋଗ ନିରାକରଣ କାର୍ଯ୍ୟକ୍ରମରେ ଟୀକାକରଣକାରୀ ଭାବରେ ନିଯୁକ୍ତ କରାଯାଇଥିଲା । 1985 ମସିହାରେ ଏହି ଯୋଜନା ବନ୍ଦ ହୋଇଯାଇଥିଲା । ଏହା ପରେ, ନଭେମ୍ବର 14, 1986 ରେ 25 ପ୍ରତିଶତ ବରିଷ୍ଠ ଅଧିକାରୀଙ୍କୁ ବଜାୟ ରଖିବା ଏବଂ ଅବଶିଷ୍ଟ 75 ପ୍ରତିଶତଙ୍କୁ ନିୟମିତ ବର୍ଗରେ ସମାନ ପଦବୀରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଣ୍ଣୟ ନିଆଯାଇଥିଲା । ଫଳସ୍ୱରୂପ, ତାଙ୍କ ଅନ୍ତର୍ଭୁକ୍ତିକୁ ଅପେକ୍ଷା କରୁଥିବାବେଳେ, ଅପିଲକାରୀ ତାଙ୍କ ମାମଲା ଉପରେ ବିଚାର କରିବା ପାଇଁ ଏକ ନିର୍ଦ୍ଦେଶ ପାଇବାକୁ ସି.ଡବ୍ଲ୍ୟୁ.ଜେ.ସି. ନଂ. 2412/90 ଦାୟର କରିଥିଲେ । ତଦନୁସାରେ, ଜାନୁଆରୀ 22, 1991 ର ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଚିକିତ୍ସା ଅଧିକାରୀଙ୍କୁ ତାଙ୍କ ମାମଲା ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜଣେ କିରାଣୀ ଭାବରେ ପଦୋନ୍ନତି ପାଇଁ ତାଙ୍କୁ ବିଚାର କରିବାକୁ ଅପିଲକାରୀଙ୍କ ଦ୍ୱାରା ଏକ ନିବେଦନ ପତ୍ର ପ୍ରଦାନ କରାଯାଇଥିଲା । ଫଳସ୍ୱରୂପ, ଜିଲ୍ଲା ଚିକିତ୍ସା ଅଧିକାରୀ ତାଙ୍କୁ ମେ 7, 1991 ରେ କିରାଣୀ ଭାବରେ ପଦୋନ୍ନତି ଦେଇଥିଲେ ଏବଂ ସେ ମେ 9, 1991 ରେ ଯୋଗ ଦେଇଥିଲେ । ଜିଲ୍ଲା ଚିକିତ୍ସା ଅଧିକାରୀ ନିଯୁକ୍ତି ପତ୍ରରେ କହିଥିଲେ ଯେ ତାଙ୍କ ପଦୋନ୍ନତି ମୁଖ୍ୟ ନିର୍ଦ୍ଦେଶକଙ୍କ ଦ୍ୱାରା ନିଶ୍ଚିତ ହେବା ଉପରେ ନିର୍ଭର କରିବ ।

ମୁଖ୍ୟ ନିର୍ଦ୍ଦେଶକ 10 ଡିସେମ୍ବର, 1992 ତାରିଖରେ ତାଙ୍କ କାର୍ଯ୍ୟପଞ୍ଜାରେ 11 ଫେବୃଆରୀ, 1985 ତାରିଖର ପ୍ରସ୍ତାବ ସଂଖ୍ୟା 2215 ଅନୁଯାୟୀ ନିଯୁକ୍ତିକୁ ବାତିଲ କରିଥିଲେ । ସେଠାରେ କୁହାଯାଇଥିଲା ଯେ ଯେକୌଣସି ପଦୋନ୍ନତି ବରିଷ୍ଠତା ତଥା ଉପଯୁକ୍ତତା ଆଧାରରେ ଏବଂ ସଂରକ୍ଷଣର ନିୟମ ପାଳନ କରି ନିୟମାବଳୀ ଅନୁଯାୟୀ ନିଶ୍ଚିତକରଣ ନୀତି ଅଧୀନରେ ରହିବ । ଯେହେତୁ ଆବେଦନକାରୀଙ୍କ ନିଯୁକ୍ତି ସଂକଳ୍ପର ଅନୁସରଣରେ କରାଯାଇ ନଥିଲା, ତେଣୁ ଏହା ପରିଲକ୍ଷିତ ହୋଇଥିଲା ଯେ ଆବେଦନକାରୀଙ୍କୁ କିରାଣୀ ଭାବରେ ସଠିକ୍ ଭାବରେ ନିଯୁକ୍ତ କରାଯାଇ ନାହିଁ । ଯେତେବେଳେ ସେ ସି.ଡବ୍ଲ୍ୟୁ.ଜେ.ସି. ନଂ. 13022/92 ଦାୟର କରିଥିଲେ, ନିଜର 2 ଫେବୃଆରୀ, 1993 ତାରିଖର ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଏହାକୁ ଖାରଜ

କରିଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଦାୟର ହୋଇଥିବା ଏକ ସମୀକ୍ଷା ଆବେଦନ ମଧ୍ୟ ଜାନୁଆରୀ 4, 1994 ରେ ଖାରଜ ହୋଇଯାଇଥିଲା । ତେଣୁ ବିଶେଷ ଅନୁମତି ଦ୍ଵାରା ଏହି ଅପିଲ ।

ଯଦିଓ ଅପିଲକାରୀଙ୍କ ବିଜ୍ଞ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ ଜିଲ୍ଲା ଚିକିତ୍ସା ଅଧିକାରୀ ଜଣେ କିରାଣୀଙ୍କୁ ନିଯୁକ୍ତି ଦେବାର କ୍ଷମତାପ୍ରାପ୍ତ ଅଧିକାରୀ, ତଥାପି ନିଯୁକ୍ତିକାରୀ କର୍ତ୍ତୃପକ୍ଷ ହୋଇଥିଲେ ମଧ୍ୟ ତାଙ୍କୁ ଫେବୃଆରୀ 11, 1985 ତାରିଖର ପ୍ରସ୍ତାବ ସଂଖ୍ୟା 2215 ରେ ଥିବା ନୀତିଗୁଡ଼ିକୁ ପାଳନ କରିବାକୁ ପଡିବ । ନିର୍ବିବାଦ ଭାବେ, ସେ ଏହି ପ୍ରକ୍ରିୟା ଅନୁସରଣ କରିନଥିଲେ । ଅପିଲକାରୀଙ୍କୁ ପ୍ରକୃତରେ ଏକ ସମତୁଲ୍ୟ ପଦବୀରେ ସମାହିତ ହେବା ଆବଶ୍ୟକ ଥିଲା କାରଣ ସେ ଜଣେ ବଳକା ଟୀକାକରଣକାରୀ ବୋଲି ଜଣା ପଡ଼ିଥିଲା । ସମାନ ପଦବୀ ହେଉଛି ଅନ୍ୟ ବିଭାଗରେ ଟିକାଦାନକାରୀ ପଦବୀ । ତେଣୁ, ବଳକା କର୍ମଚାରୀଙ୍କ ଯୋଗ୍ୟତାରେ ତାଙ୍କ କ୍ରମ ଆଧାରରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ତାଙ୍କ ପାଳି ଆସିବା ମାତ୍ରେ, ତାଙ୍କୁ ଗ୍ରହଣ କରିବାକୁ ସକ୍ଷମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ପ୍ରସ୍ତାବ ଏବଂ ଅନ୍ୟ ପ୍ରାର୍ଥୀଙ୍କ ସହ ସମାନ ଅଧିକାର ଅନୁଯାୟୀ, ତାଙ୍କର ଅନ୍ତର୍ଭୁକ୍ତି ପରେ, କିରାଣୀ ଭାବରେ ପଦୋନ୍ନତି ପାଇଁ ତାଙ୍କ ମାମଲାର ବିଚାର କରାଯିବ । ଯେହେତୁ ଅପିଲକାରୀ ପୂର୍ବରୁ ମେ 8, 1991 ରୁ ଡିସେମ୍ବର 10, 1992 ପର୍ଯ୍ୟନ୍ତ କିରାଣୀ ଭାବରେ କାର୍ଯ୍ୟ କରିସାରିଛନ୍ତି, ସେ ଉକ୍ତ ଅବଧି ପାଇଁ କିରାଣୀ ପଦବୀ ସହିତ ସଂଲଗ୍ନ ଦରମା ପାଇବାକୁ ହକଦାର ।

ତଦନୁସାରେ ଅପିଲକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି, କିନ୍ତୁ ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।